## ସଂକ୍ଷେପରେ

### ଆଠମଲ୍ଲିକ ଉପଜିଲାପାଳଙ୍କ ପଦୋନ୍ନତି



ଆଠମଲ୍ଲିକ,୨୫।୩(ଡି.ଏନ.ଏ.)- ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ୍ ଗତ ୨୩ ତାରିଖରେ ଯୁଗ୍ମ ଶାସନ ସଚିବ ପାହ୍ୟା (ସୁପର ଟାଇମ ସ୍କେଲ)କୁ ପଦୋନ୍ନତି ପାଇଛନ୍ତି। ସୂଚନା ଥାଉ କି, ଉପଜିଲାପାଳ ରାୟ୍ ନିର୍ବାଚନ ପାଇଁ ବର୍ତ୍ତମାନ ରିଟର୍ନିଂ ଅଫିସର ଭାବେ କାର୍ଯ୍ୟରତ ଅଛନ୍ତି। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ତାଙ୍କୁ ପଦୋନ୍ନତି ପରେ ସ୍ଥାନାନ୍ତର କରାଯାଇନାହିଁ।

### ଜଳିଗଲା ୪ ବଖରା



ମାଧପୁର, ୨୫।୩- ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତ ବାଙ୍କପାଳ ଗ୍ରାମରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରମୋଦ ଭୋଇଙ୍କ ୪ ବଖରା ସହ ଘରେ ଥିବା ସମସ୍ତ ଆସବାବପତ୍ର ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ବୌଦ୍ଧ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇଛି।

### ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ

ବଇଁଣ୍ଡା,୨୫।୩(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ମାନଜୋର ପରିସରରେ କିଶୋରନଗର ହାଇସ୍କୁଲର ୧୯୯୧ ମସିହା ମାଟ୍ରିକ ବ୍ୟାଚ ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ସଂଗ୍ରାମ କେଶରୀ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମରେନ୍ଦ୍ର ବିଶ୍ୱାଳ, ଦିବ୍ୟସିଂ ବଡ଼ମାଳି, ଗୌରଚନ୍ଦ୍ର ସାହୁ, ପଞ୍ଚାନନ ବିଶ୍ୱାଳ, ଦୋଳଗୋବିନ୍ଦ ବିଶ୍ୱାଳ, ଅନନ୍ତ ବଡ଼ମାଳି, ରୁଦ୍ରନାରାୟଣ ସେଠୀ, ହେମନ୍ତ ପ୍ରଧାନଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ କିଭଳି କିଶୋରନଗର ଅଞ୍ଚଳର ବିକାଶ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ।

### ଓକିଲ ସଂଘର କର୍ମକର୍ତ୍ତା ଚୟନ

ଛେଣ୍ଡିପଦା,୨୫।୩(ସ୍ୱ.ପ୍ର)- ଛେଣ୍ଡିପଦା ଓକିଲ ସଂଘର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସର୍ବସମ୍ମତିକ୍ରମେ ସଂଘ ସଭାପତି ଭାବେ ପ୍ରଭାତ କୁମାର ନାଏକ, ଉପସଭାପତି ଭାବେ ବାବୁଲାଲ ପ୍ରଧାନ, ସାଧାରଣ ସମ୍ପାଦକ ରାଜକିଶୋର ବେହେରା, ସାଂସ୍କୃତିକ ସମ୍ପାଦକ ଚିତ୍ତରଞ୍ଜନ ସାହୁ, କୋଷାଧକ୍ଷ ଭାବେ ନିକୁଞ୍ଜ କିଶୋର ପ୍ରଧାନଙ୍କୁ ଚୟନ କରାଯାଇଥିଲା। ସଂଘର ସମସ୍ତ ଆଇନଜୀବୀ ଉପସ୍ଥିତ ରହି ଚୟନ ପ୍ରକ୍ରିୟାରେ ଭାଗ ନେଇଥିଲେ।

### ଶିକ୍ଷକଙ୍କ ପରଲୋକ

ବଇଣ୍ଡା,୨୫।୩(ଡି.ଏନ.ଏ.)- କିଶୋରନଗର ବ୍ଲକ ଲୁହାମୁଣ୍ଡା ହାଇସ୍କୁଲର ହିନ୍ଦୀ ଶିକ୍ଷକ ରଞ୍ଜନ ବିଶ୍ୱାଳଙ୍କ ସୋମବାର ସନ୍ଧ୍ୟାରେ ବଇଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ପରଲୋକ ହୋଇଛି। ସେ କିଛି ଦିନ ହେଲା ଅସୁସ୍ଥ ଥିଲେ। ସୋମବାର ସନ୍ଧ୍ୟାରେ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ବଇଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ୍ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ମଦ ଜବତ, ୩ ଗିରଫ

ତାଳଚେର,୨୫।୩(ନି.ପ୍ର.)- ସ୍ଥାନୀୟ୍ ଅବକାରୀ ବିଭାଗ ପକ୍ଷରୁ କନ୍ଧବେରେଣୀ, ଏଫସିଆଇ, ଡେରା, ଗୁରୁଦ୍ୱାର ଅଞ୍ଚଳରେ ଚଢ଼ାଉ କରାଯାଇ ୪୭ ଲିଟର ଦେଶୀ ମଦ ଓ ୧୮୦ କେଜି ପୋଚ ଜବତ କରାଯାଇଛି। ଏଥିସହ ବେଆଇନ ମଦ କାରବାର ଅଭିଯୋଗରେ ଲିଙ୍ଗରାଜ ନାଏକ, ରୂପାରାଣୀ ବେହେରା, ଲିଙ୍ଗରାଜ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅବକାରୀ ଉପନିରୀକ୍ଷକ ହରିହର ସିଂହ, ଭକ୍ତ ବତ୍ସଳ ବର୍ମା, ରମେଶଚନ୍ଦ୍ର ବେହେରା, ଏମ୍‌ଡି ଜାକିର ହୁସେନ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ।

■ଜଗନ୍ନାଥ ମହୋତ୍ସବ ଓ ପାଞ୍ଚରାତ୍ର ଉତ୍ସବ ଉଦ୍‌ଘାଟନ କଲେ ଗଜପତି

# 'ଆଧ୍ୟାତ୍ମିକ ବାତାବରଣ ଅଭାବରୁ ଅଶାନ୍ତି ଉପୁଜୁଛି'

ବଅଁରପାଳ, ୨୫।୩ (ଡି.ଏନ୍.ଏ)



ଗଜପତି ମହାରାଜ ଓ ନାଲ୍‌କୋ ସିଏମ୍‌ଡି ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।

ଅନୁଗୋଳ ନାଲ୍‌କୋ ସ୍ଥିତ ମୀନାବଜାର ପଡ଼ିଆରେ ସୋମବାର ଶ୍ରୀ ଜଗନ୍ନାଥ ମହେତ୍ସବ ଓ ପାଞ୍ଚରାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ। ଏହି ଅବସରରେ ଗଜପତି କହିଥିଲେ ଯେ, ଆଧ୍ୟାତ୍ମିକ ଚିନ୍ତାଧାରା ମନରେ ରହିଲେ ଜଣେ ନିଶ୍ଚିନ୍ତ ଆଗକୁ ବଢ଼ିବ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଲୋକମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବନାର ଅଭାବ ପରିଲକ୍ଷିତ ହେଉଛି। ସେମାନଙ୍କ ଚିନ୍ତାଧାରା କି ମନୋଭାବ ପୂର୍ବ ପରି ଦେଖିବାକୁ ମିଳୁନାହିଁ। ଫଳରେ ବ୍ୟକ୍ତିଗତ, ପାରିବାରିକ ଓ ବିଶ୍ୱ ଜୀବନରେ ବିଭିନ୍ନ ସମସ୍ୟା ଓ ଦ୍ୱନ୍ଦ୍ୱ ଉପୁଜୁଛି। ବର୍ତ୍ତମାନ କଳିଯୁଗରେ ଆମେ ନିଜକୁ ଭୌତିକ ଜୀବନରେ ନିୟୋଜିତ କରୁଛୁ। ଯାହା ଦ୍ୱାରା ଆଧ୍ୟାତ୍ମିକ ଚିନ୍ତାଧାରା ଉଭେଇ ଯାଉଛି। କିନ୍ତୁ ଇତିହାସକୁ ଲକ୍ଷ୍ୟ କଲେ ଭାରତ ହେଉଛି ଏକ ପବିତ୍ର ଭୂମି, ଯେଉଁଠାରେ ଆଧ୍ୟାତ୍ମିକ ସଂସ୍କୃତି ଭରି ହୋଇ ରହିଛି। ପୂର୍ବରୁ ବିଦେଶରୁ ଲୋକେ ଆଧ୍ୟାତ୍ମିକ ଜ୍ଞାନ ଆହରଣ ପାଇଁ ଭାରତକୁ ଆସୁଥିଲେ। ଭାରତ ଋଷି ମୁନିଙ୍କ ଦେଶ ସହ ବେଦ ବେଦାନ୍ତର ଦେଶ ମଧ୍ୟ ଥିଲା ବୋଲି ଗଜପତି ମହାରାଜା ନିଜ ଅଭିଭାଷଣରେ କହିଥିଲେ। ତେଣୁ ମନୁଷ୍ୟ ଭୌତିକ ଭାବନାକୁ ଦୂରରେ ରଖି ଆଧ୍ୟାତ୍ମିକତା ପ୍ରତି ମନ ବଳାଇଲେ ଶାନ୍ତିରେ ରହିପାରିବ ବୋଲି ମହାରାଜ ମତବ୍ୟକ୍ତ କରିଥିଲେ।

ଜଗନ୍ନାଥ ସଂସ୍କୃତି ଜଗତର କଲ୍ୟାଣ ପାଇଁ। ଜଗନ୍ନାଥଙ୍କ କୃପାରୁ ବିଶ୍ୱ ବଜାରରେ ମାନ୍ଦା ପରିସ୍ଥିତି ଥିଲେ ବି ନାଲ୍‌କୋର ଦୁଇ ଗୁଣରୁ ତିନି ଗୁଣ ଲାଭ ହୋଇଥାଏ ବୋଲି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ନାଲ୍‌କୋର ପରିଚାଳନା ନିର୍ଦ୍ଦେଶକ ତପନ କୁମାର ଚାନ୍ଦ କହିଛନ୍ତି। ଗତ ବର୍ଷ ୧୩ ଶହ ୪୨ କୋଟି ଲାଭ ହୋଇଥିବାବେଳେ ଚଳିତ ବର୍ଷ ୧୬ ଶହ ୫୦ କୋଟି ଟଙ୍କାର ଅଧିକ ଲାଭ ହୋଇଛି ବୋଲି ସେ କହିଥିଲେ। ଏଭଳି କାର୍ଯ୍ୟକ୍ରମର ଆୟୋଜନ ପାଇଁ ଅନୁଗୋଳ ଜଗନ୍ନାଥ କମିଟିର କର୍ମକର୍ତ୍ତାଙ୍କୁ ସେ ସାଧୁବାଦ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ସ୍ୱାମୀ ମାଧବାନନ୍ଦ ସରସ୍ୱତୀ ମହାରାଜ ଓ ସମ୍ମାନିତ ଅତିଥି ଭାବେ ନାଲକୋର ଇଡି ରାଜକିଶୋର ମିଶ୍ର, ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାଶ, ଜଗନ୍ନାଥ ପରିଷଦ ସଭାପତି ଗୋପୀନାଥ ମହାନ୍ତି, ଉପସଭାପତି ପୀତବାସ ରାଉତରାୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ନାଲକୋ ମାନବ ସମ୍ବଳ ମହାପ୍ରବନ୍ଧକ ମନ୍‌ସା ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ନାଲ୍‌କୋ ସ୍ଥିତ ମନ୍ଦିର ପରିଦର୍ଶନ କରିବା ପରେ ମୀନା ବଜାରକୁ ଆସି ଠାକୁରଙ୍କର ଚତୁର୍ଦ୍ଧା ବିଗ୍ରହଙ୍କର ଲୀଳାକ୍ଷେତ୍ର ଫଟୋ ପ୍ରଦର୍ଶନୀ, ଶ୍ରୀ ମହାପ୍ରଭୁଙ୍କର ଚବିଶି ଗୋଟି ବେଶ ପ୍ରଦର୍ଶନୀ, ଶ୍ରୀ ମନ୍ଦିରର ୫୬ ଭୋଗ ପ୍ରଦର୍ଶନୀ, ଶ୍ରୀ ଚତୁର୍ଦ୍ଧା ବିଗ୍ରହଙ୍କର ନବକଳେବର ଫଟୋ ଓ ଭିଡିଓ ପ୍ରଦର୍ଶନୀ ଓ ଶ୍ରୀ ଜଗନ୍ନାଥଙ୍କ ପୁସ୍ତକ ମେଳା ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଏଥିରେ ନାଲକୋର ଜଗନ୍ନାଥ ସଂସ୍କୃତିକ ପରିଷଦର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଶ୍ରୀ ଜଗନ୍ନାଥ ମହୋତ୍ସବ ଓ ପାଞ୍ଚରାତ୍ର କାର୍ଯ୍ୟକ୍ରମ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶ୍ରୀ ଜଗନ୍ନାଥ ସଂସ୍କୃତିର ବିଭିନ୍ନ ବିଷୟ ଉପରେ ଏଠାରେ ଆଲୋଚନା ହେବା ସହ ବିଭିନ୍ନ ପ୍ରଦର୍ଶନୀ ହେବ।

# ୨ୟ ପର୍ଯ୍ୟାୟରେ ୪୫୪ ପୋଲିଂ, ୨୭ ସେକ୍ଟର ଅଫିସରଙ୍କୁ ତାଲିମ



ଆଠମଲ୍ଲିକ,୨୫।୩(ଡି.ଏନ.ଏ.)

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ମହେନ୍ଦ୍ର ହାଇସ୍କୁଲ ପରିସରରେ ୩ ଦିନ ଧରି ଚାଲିଥିବା ୨ୟ ପର୍ଯ୍ୟାୟ ପ୍ରଜାଇଡିଂ ଓ ପ୍ରଥମ ପୋଲିଂ ଅଫିସରଙ୍କୁ ନିର୍ବାଚନ ପରିଚାଳନା ସଂକ୍ରାନ୍ତୀୟ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ସୋମବାର ଶେଷ ହୋଇଛି। ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳିର ରିଟର୍ନିଂ ଅଫିସର ତଥା ଉପଜିଲାପାଳ ସୁବାସ ଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ପରିଚାଳନା, ଇଭିଏମ ଏବଂ ଭିଭିପିଏଟିର ଠିକ୍ ବ୍ୟବହାର ଆଦି ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ତାଲିମ ପର୍ଯ୍ୟବେକ୍ଷକ ଭାବେ ଦିଲୀପ କୁମାର ବଳ ଯୋଗଦେଇ ବିଭିନ୍ନ ଟ୍ରେନିଂ ହଲ ବୁଲିବା ସହ ପୋଲିଂ ଅଫିସରମାନଙ୍କୁ ତାଲିମ ପ୍ରଦାନ କରିବା ପାଇଁ ତାଲିମଦାତାଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୪୫୪ ଜଣ ପୋଲିଂ ଅଫିସର, ୨୭ ଜଣ ସେକ୍ଟର ଅଫିସର ଏବଂ ସଖୀ ବୁଥ୍‌ର ୧୦ ଜଣ ମହିଳା ପୋଲିଂ ଅଫିସରଙ୍କୁ ତାଲିମ ଦିଆଯାଇଥିଲା। ଆଠମଲ୍ଲିକ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, କିଶୋରନଗର ବିଡିଓ ସୁଶ୍ରୀ ଅମୃତା ପ୍ରିୟମ୍ବଦା, କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, ଆଠମଲ୍ଲିକ ତହସିଲଦାର ବାସୁଦେବ ମହାପାତ୍ର, ଆଠମଲ୍ଲିକ ଅତିରିକ୍ତ ତହସିଲଦାର ଅଶୋକ କୁମାର ଦେହୁରୀ, ସହକାରୀ ଜିଲାପାଳ ନାରାୟଣ ମହାପାତ୍ର, ଆକାଉଣ୍ଟାଣ୍ଟ ଅଫିସର ଏଲଏନ୍‌ଏସ ରାଜିନ୍ଦ୍ର, ବ୍ଲକ ସହକାରୀ ଯନ୍ତ୍ରୀ ଅଞ୍ଜନ କୁମାର ରାଉତ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିଲୀପ କୁମାର ମିଶ୍ର ପ୍ରମୁଖ ତାଲିମ ଦେଇଥିଲେ। ଇଭିଏମ୍ ଏବଂ ଭିଭିପିଏଟିର ଠିକ୍ ବ୍ୟବହାର ଉପରେ କମ୍ପ୍ୟୁଟର ପ୍ରୋଗ୍ରାମର ରଙ୍ଗଲାଲ ପ୍ରଧାନ, ସନ୍ଦୀପ ପ୍ରଧାନ ବୈଷୟିକ ତାଲିମ ଦେଇଥିଲେ।

■ସମ୍ପର୍କୀୟ ଘରୁ ଡାକିନେଇ ଯୁବକଙ୍କୁ ହତ୍ୟା ମାମଲା

# ଜଣେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ଅନୁଗୋଳ ଅଫିସ, ୨୫।୩

ଅନୁଗୋଳ ଜିଲା ବଅଁରପାଳ ଥାନା ଅଞ୍ଚଳରେ ୨୦୧୧ରେ ଘଟିଥିବା ବସନ୍ତ ନାଏକ ହତ୍ୟା ମାମଲାର ଶୁଣାଣି କରି ସୋମବାର ଅନୁଗୋଳ ଜିଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାସ ଜଣେ ଅଭିଯୁକ୍ତ ପ୍ରଦୀପ ନାଏକ(୩୩)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୨ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ଏହି ରାୟ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ମହେନ୍ଦ୍ର କୁମାର ବସ୍ତିଆ ସୂଚନା ପ୍ରଦାନ କରିଛନ୍ତି। ତେବେ ଉକ୍ତ ହତ୍ୟା ଘଟଣାର ଅନ୍ୟ ୩ ଅଭିଯୁକ୍ତ ଏବେ ବି ଫେରାର ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ୨୦୧୧ ମେ ୩ରେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କୁଲେଇ ଗାଁର ବସନ୍ତ ନାଏକ(୩୨) ସ୍ତ୍ରୀ ସିରେଇ ନାଏକଙ୍କ ସହ ଅନୁଗୋଳ ଜିଲା ବଅଁରପାଳ ଥାନା ଗୋତମରାରେ ଥିବା ଭଉଣୀ ଘରକୁ ବୁଲି ଆସିଥିଲେ। ସେହିଦିନ ଅପରାହ୍ନ ୩ଟାରେ କୁଲାଇ ଗାଁର ପ୍ରଦୀପ ନାଏକ(୩୩)ଙ୍କ ସହ ତାଙ୍କ ବାପା ଜଗା ନାଏକ(୫୩), ଭାଇ ପ୍ରସନ୍ନ ନାଏକ(୨୯) ଓ ମା' ବାଦୁରୀ ନାଏକ(୪୯) ଗୋତମରାରେ ପହଞ୍ଚି ଥିଲେ। ସେମାନେ ବସନ୍ତଙ୍କୁ ସମ୍ପର୍କୀୟଙ୍କ ଘରୁ ଡାକି କେଉଁଆଡ଼େ ନେବା ପରେ ଠେଙ୍ଗା ଓ ବାଡ଼ିରେ ପିଟି ପିଟି ହତ୍ୟା କରିଥିଲେ। ସ୍ତ୍ରୀ ସିରେଇ ବସନ୍ତଙ୍କୁ ଖୋଜାଖୋଜି କରି ନ ପାଇବାରୁ ବଅଁରପାଳ ଥାନାକୁ ଅବଗତ କରିଥିଲେ। ଏହାପର ଦିନ ବସନ୍ତଙ୍କ ମୃତଦେହ ବିଲରେ ପଡ଼ିଥିବା ଦେଖି ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୭୨/୧୧ରେ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରଦୀପଙ୍କୁ ଗିରଫ କରିଥିଲା। କିନ୍ତୁ ଅନ୍ୟ ୩ ଅଭିଯୁକ୍ତଙ୍କୁ ପୋଲିସ ଏଯାଏ ଗିରଫ କରିପାରି ନାହିଁ।

## ଓଡ଼ିଶା ମୁକ୍ତ ବିଦ୍ୟାଳୟରେ ନାମଲେଖାର ସମୀକ୍ଷା

ଅନୁଗୋଳ ଅଫିସ, ୨୫।୩

ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟରେ ଅଧିକ ସଂଖ୍ୟାରେ ଛାତ୍ରୀଛାତ୍ରମାନଙ୍କ ନାମ ଲେଖାଇବା ଉଦ୍ଦେଶ୍ୟରେ ଅନୁଗୋଳ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସୋମବାର ଏକ ବୈଠକ ବସିଥିଲା। ୪ର୍ଥ ଶେଣୀ ପାସ୍ କରି ଅଧାରେ ପାଠ ଛାଡ଼ିଥିବା ଛାତ୍ରୀଛାତ୍ରମାନେ ମାଧ୍ୟମିକ ଉଚ୍ଚବିଦ୍ୟାଳୟ ପ୍ରମାଣପତ୍ର ପାଇବା ପାଇଁ ଏହି ମୁକ୍ତ ବିଦ୍ୟାଳୟ ଖୋଲାଯାଇଛି। ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ନୋଡ଼ାଲ ଅଧିକାରୀ ଡ. ରାଧାମୋହନ ପଣ୍ଡା ମଧ୍ୟ ଜିଲାରେ ଥିବା ସମସ୍ତ ଷ୍ଟଡି ସେଣ୍ଟରର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଠାରୁ ପରିଚାଳନା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଏଡିଓ ରୀତା କେରକେଟା, ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା, ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ନନ୍ଦଙ୍କ ସହ ବିଭିନ୍ନ ବ୍ଲକ ମୁଖ୍ୟାଳୟରେ ଥିବା ୮ଟି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ।

# ଏନ୍‌ଟିପିସି ପକ୍ଷରୁ ଛତୁ ଚାଷ ସମ୍ବନ୍ଧୀୟ ତାଲିମ




ତାଳଚେର,୨୫।୩(ନି.ପ୍ର.)

କଣିହାଁସ୍ଥିତ ଏନ୍‌ଟିପିସି ପକ୍ଷରୁ ଏହାର ପାର୍ଶ୍ୱବର୍ତ୍ତୀ ଗ୍ରାମର ମହିଳାମାନଙ୍କୁ ମଲ୍ଟି ସ୍କିଲ ସେଣ୍ଟରଠାରେ ଛତୁ ଚାଷ ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଉଛି। ଏଥିରେ କଣିହାଁ ବ୍ଲକର ବିଜିଗୋଳ, ରଙ୍ଗବେଡା ଓ ସାରଥିପାଳର ୪୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଅଂଶଗ୍ରହଣ କରିଛନ୍ତି। ଦୁଇ ସପ୍ତାହ ଧରି ଢେଙ୍କାନାଳର ଇଡିଅଟ ସଂସ୍ଥା ପକ୍ଷରୁ ଏହି ତାଲିମ ପ୍ରଦାନ କରାଯାଉଛି। ତାଲିମ ପରେ ମହିଳାମାନଙ୍କୁ ଛତୁ ଚାଷ ନିମନ୍ତେ ଆବଶ୍ୟକ ନଡା, ମଞ୍ଜି, ୱାଟର ଟ୍ୟାଙ୍କର, ସ୍ପ୍ରେୟର ଓ ଅନ୍ୟ ସାମଗ୍ରୀ ଏନ୍‌ଟିପିସି ପକ୍ଷରୁ ଯୋଗାଇ ଦିଆଯିବ। ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ଏନ୍‌ଟିପିସି ପକ୍ଷରୁ ଏହି ପ୍ରୟାସ କରାଯାଉଛି। ଏହାପୂର୍ବରୁ ୬୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତାଲିମ ନେଇ ନିଜ ଗ୍ରାମରେ ଛତୁ ଚାଷ କରି ଲାଭବାନ ହୋଇ ପାରିଛନ୍ତି ବୋଲି ଏନ୍‌ଟିପିସି ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି।

## ମହିଳା ମହାବିଦ୍ୟାଳୟ ରୌପ୍ୟ ଜୟନ୍ତୀ

ତାଳଚେର,୨୫।୩(ନି.ପ୍ର.)

ତାଳଚେର ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଏନ୍‌ଟିପିସି କଣିହାଁର ଏଜିଏମ୍ (ଏଚ୍.ଆର୍) କେ.ଏସ୍. ଶର୍ମା, ମୁଖ୍ୟବକ୍ତା ଡିଜିଏମ୍ (ଏଚ୍.ଆର୍) ପି.କେ. ସାହୁ, ସମ୍ମାନିତ ଅତିଥି ଡିଏଭି ପବ୍ଲିକ୍ ସ୍କୁଲ ଜଗନ୍ନାଥ କଲିୟରୀ ଡେରାର ଅଧ୍ୟକ୍ଷ ଭୋଳାନାଥ ମହନ୍ତ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷା ଡ. ସୁନିତି ମିଶ୍ର ସଭାପତିତ୍ୱ କରିଥିଲେ। ଆୟୋଜକ କମିଟି ମୁଖ୍ୟ ଡ. ବେଦମତୀ ମିଶ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଡଭୋକେଟ୍ ଦିବାକର ମିଶ୍ର ମେମୋରିଆଲ୍ ବୃତି +୨ ଓ +୩ କଳାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

# ବନ୍ଧା ଗ୍ରାମରେ ପଞ୍ଚୁଦୋଳ ଉତ୍ସବ



ଠାକୁରଙ୍କୁ ବିମାନ ଯୋଗେ ଯାତ୍ରା ମଣ୍ଡପକୁ ଅଣାଯାଉଛି।

ବଅଁରପାଳ, ୨୫।୩ (ଡି.ଏନ୍.ଏ.)

ବଅଁରପାଳ ବ୍ଲକ ବନ୍ଧା ଗ୍ରାମରେ ରାଧାକୃଷ୍ଣଙ୍କ ପବିତ୍ର ପଞ୍ଚଦୋଳ ଉତ୍ସବ ବହୁ ଆଡ଼ମ୍ବରରେ ସୋମବାର ପାଳିତ ହୋଇଥିଲା। ଏହି ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଗ୍ରାମ ଶିବ ମନ୍ଦିରଠାରୁ ଶୋଭାଯାତ୍ରାରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ତିନୋଟି ଲଉଡ଼ି ଦଳ ସମେତ ଘଣ୍ଟବାଦ୍ୟ, ପାଇକ ଖେଳ, ନାମ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ସନ୍ଧ୍ୟାରେ ଦୋଳ ମଣ୍ଡପରେ ଠାକୁରଙ୍କ ପୂଜାର୍ଚ୍ଚନା ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଲଉଡ଼ି ଦଳ ଗୁଡ଼ିକ ଦ୍ୱାରା ଆକର୍ଷଣୀୟ ଲଉଡ଼ି ଖେଳ ପ୍ରଦର୍ଶନ ହୋଇଥିଲା। ଏହି ଯାତ୍ରାରେ ବିଭିନ୍ନ ପ୍ରକାର ଦୋକାନ ପଡ଼ିଥିଲା। ଗ୍ରାମବାସୀ ସମସ୍ତ ସହଯୋଗ କରିଥିଲେ।

■୪ ମାସ ହେବ ଭଗ୍ନ ଅବସ୍ଥାରେ ବସ୍‌ଷ୍ଟାଣ୍ଡ ବିଶ୍ରାମାଗାର

# ଗଛ ମୂଳରେ ଠିଆ ହେଉଛନ୍ତି ଯାତ୍ରୀ

ବଅଁରପାଳ, ୨୫।୩ (ଡି.ଏନ୍.ଏ.)



ଭଙ୍ଗା ଅବସ୍ଥାରେ ନାଲ୍‌କୋ ଟାଉନଶିପ୍ ବିଶ୍ରାମଗାର।

ନବରତ୍ନପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋ କାରଖାନାର ଅତି ନିକଟରେ ଥିବା ନାଲ୍‌କୋ ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କୁ ମିଳୁନି ସର୍ବନିମ୍ନ ସୁବିଧା। ଏଠାରେ ପାନୀୟ ଜଳ, ପରିସ୍ରାଗାର କି ବିଶ୍ରାମାଗାର ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାସେଞ୍ଜର ୱେଲଫେୟାର ଆସୋସିଏଶନ୍ ଓ ଅଞ୍ଚଳବାସୀଙ୍କ ଉଦ୍ୟମରେ ପୂର୍ବରୁ ଏକ ବିଶ୍ରାମାଗାର ନିର୍ମାଣ ହୋଇଥିଲେ ହେଁ ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ତାହାକୁ ୪ ମାସ ହେବ ଭାଙ୍ଗି ଦିଆଯାଇଛି। ଫଳରେ ଏଠାକୁ ଆସୁଥିବା ଯାତ୍ରୀମାନେ କେତେବେଳେ ପାନ ଦୋକାନ ପାଖରେ ତ ଆଉ କେତେବେଳେ ଗଛ ମୂଳରେ ଗାଡ଼ିକୁ ଅପେକ୍ଷା କରୁଥିବା ଠିଆ ହେଉଛନ୍ତି।

ନାଲ୍‌କୋ ଟାଉନଶିପ୍ କଲୋନୀ, କାଣ୍ଡସର, କୁଲାଡ଼, ବେନ୍ତପୁର, ସିଆଇଏସ୍‌ଏଫ୍ କଲୋନୀ, ମୁଣ୍ଡା ହଟିଂବାସୀ, ନୂଆସାହି, କନିଆବେଡ଼ା ସମେତ ଆଖପାଖ ଅଞ୍ଚଳରୁ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ବସ୍‌ଷ୍ଟାଣ୍ଡ ଉପରେ ନିର୍ଭର କରନ୍ତି। ସେମାନେ ଏଠାରୁ କଲିକତା, ଟାଟା, ରାଉରକେଲା, ସମ୍ବଲପୁର, କଟକ, ଭୁବନେଶ୍ୱର, ପୁରୀ, ଢେଙ୍କାନାଳ, ତାଳଚେର, କେନ୍ଦୁଝର ଆଦି ଅଞ୍ଚଳକୁ ଦୈନିକ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ବସ୍‌ରେ ଯାତାୟାତ କରିଥାନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବସ୍‌ଷ୍ଟାଣ୍ଡ ହୋଇଥିଲେ ମଧ୍ୟ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ବିଶେଷକରି ପାନୀୟ ଜଳ ଓ ପରିସ୍ରାଗାର ସୁବିଧା ନ ଥିବାରୁ ମହିଳା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ କାଣ୍ଡସର ପୂର୍ବତନ ସରପଞ୍ଚ ବିଷ୍ଣୁଚରଣ ବେହେରା, ଅଜୟ ସାହୁ, ପ୍ରମୋଦ ବିଶ୍ୱାଳ ପ୍ରମୁଖ କୁହନ୍ତି, ଏହି ପୁରାତନ ବସ୍‌ଷ୍ଟାଣ୍ଡ ଅବହେଳିତ ଅବସ୍ଥାରେ ପଡ଼ିଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏଠାରେ ଥଣ୍ଡା ପାନୀୟ ଜଳ ସାଙ୍ଗକୁ ପରିସ୍ରାଗାର ଓ ବିଶ୍ରାମାଗାର ଆବଶ୍ୟକତା ରହିଛି। ଏ ନେଇ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ଓ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିବା ସେମାନେ ପ୍ରକାଶ କରିଛନ୍ତି।

## ଆମ ପୋଲିସ ସମିତି ବୈଠକ

ଅନୁଗୋଳ ଅଫିସ, ୨୫।୩

ଅନୁଗୋଳ ହେମସୁରପଡ଼ା ଦୁର୍ଗା ମଣ୍ଡପରେ ଅନୁଗୋଳ ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଲୋକଙ୍କ ନିକଟତର ହେବା ପାଇଁ ପୋଲିସ ବିଭାଗ ପକ୍ଷରୁ ଏପରି ବ୍ୟବସ୍ଥା କରାଯାଇଛି। ତେଣୁ ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କରି ଅପରାଧ ନିୟନ୍ତ୍ରଣ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ସହ ଟ୍ରାଫିକ ସମସ୍ୟା ଦୂର କରିବା, ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ସମିତି ସଦସ୍ୟମାନେ ଦାବି କରିଥିଲେ। ଅନ୍ୟପକ୍ଷରେ ପୋଲିସ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ପ୍ରାଥମିକତା ଦେବ ବୋଲି ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ପ୍ରତିଶ୍ରୁତି ଦେଇଥିଲେ। ହେମସୁରପଡ଼ାର ସତ୍ୟାନନ୍ଦ ଦଳବେହେରା, ମୁନା ଦାସ, ବୃନ୍ଦାବନ ସ୍ୱାଇଁଙ୍କ ସହ ବରିଷ୍ଠ ନାଗରିକ ଓ ଅଞ୍ଚଳବାସୀ ଯୋଗ ଦେଇଥିଲେ। ଏସ୍‌ଆଇ ପ୍ରଦ୍ୟୁମ୍ନ ମହାପାତ୍ର, ଏଏସ୍‌ଆଇ ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଧରିତ୍ରୀର ଢେଙ୍କାନାଳ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୧୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ମାମଲା
### ଅଭିଯୁକ୍ତ କୋର୍ଟଚାଲାଣ

**ଭୁବନ,୨୫।୩(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ଯମୁନାକୋଟ ଗ୍ରାମର କାର୍ତ୍ତିକ ନାୟକ (୧୯)ଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗତ ଜାନୁୟାରୀ ୩୦ରେ କାର୍ତ୍ତିକ ସମ୍ପୃକ୍ତ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୧୯/୧୯ ଦଫା ୩୭୬, ୬ ପୋକ୍ସୋ, ୩ ଆଇପିସିରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। କାର୍ତ୍ତିକ ନାବାଳିକାଙ୍କୁ ଉକ୍ତ ଥାନା ଅଳାଝରୀ ଗ୍ରାମରେ ଲୁଚାଇ ରଖିଥିବା ଖବରପାଇ ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା ପରେ କାର୍ତ୍ତିକଙ୍କୁ କୋର୍ଟଚାଲାଣ କରାଯିବା ସହ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି।

### ନଗେଶ ହତ୍ୟା ମାମଲା, ଅଭିଯୁକ୍ତ ଅଟକ

**ଢେଙ୍କାନାଳ ଅଫିସ,୨୫।୩:** ଢେଙ୍କାନାଳ ସଦର ଥାନା ବେଣାଳିଆ ନିକଟସ୍ଥ ବିଦ୍ୟାବନ୍ଧ ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ସମ୍ପର୍କୀୟ ଶଳାଙ୍କୁ ନିର୍ମମ ଭାବେ ହତ୍ୟା କରିବା ଅଭିଯୋଗରେ ଭିଣୋଇ ରୁଦ୍ର ନାରାୟଣ ନାୟକ(୪୨)ଙ୍କୁ ପୋଲିସ ସୋମବାର ଅଟକ ରଖି ପଚରାଉଚରା କରୁଛି। ତଦନ୍ତ ଓ ପଚରାଉଚରା ପରେ ମଙ୍ଗଳବାର ଘଟଣା ଓ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସମସ୍ତ ତଥ୍ୟ ପ୍ରଦାନ କରିବ ବୋଲି ଜଣାପଡିଛି। ଶନିବାର ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିଲା। ରୁଦ୍ରଙ୍କ ଆକ୍ରମଣରେ ସ୍ତ୍ରୀ ଅନସୂୟା ରାଉତ ଓ ଶାଶୁ ଖୁଲଣା ରାଉତ ମଧ୍ୟ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଘଟଣା ପରଠାରୁ ରୁଦ୍ର ଫେରାର ଥିଲେ। ପୋଲିସ ଏକ ନିବୃତ୍ତ ସ୍ଥାନରେ ପଚରାଉଚରା ଜାରି ରଖିଥିବା ଜଣାପଡିଛି।

### କଣ୍ଟାବଣିଆରେ ପଞ୍ଚଦୋଳ



**ଓଡାପଡା,୨୫।୩(ଡି.ଏନ.ଏ):** ଢେଙ୍କାନାଳ ଜିଲା ଓଡାପଡା ବ୍ଲକ କଣ୍ଟାବଣିଆ ଗ୍ରାମରେ ବାର୍ଷିକ ପଞ୍ଚଦୋଳ ଯାତ୍ରା ପାଳିତ ହୋଇଯାଇଛି। ରାଧାକୃଷ୍ଣଙ୍କୁ ବିମାନରେ ଶୋଭାଯାତ୍ରା ମାଧମରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମସ୍ଥିତ ଦୋଳମଣ୍ଡପକୁ ନିଆଯାଇଥିଲା। କଣ୍ଟାବଣିଆ, ଯୋରାଗାଡିଆ, ଅଚଳକୋଟ ଓ ଦୁର୍ଗାପୁର ଲଉଡିବାଡି ଦଳ ସାମିଲ ହୋଇଥିଲେ। ରାତିରେ ଗ୍ରାମରେ ଅପେରା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା କଣ୍ଟାବଣିଆ ଯାତ୍ରା କମିଟିର ସଭାପତି ଅଧିକାରୀ ମହାଖୁଡ ଓ ସମ୍ପାଦକ ବିନୟ କୁମାର ସାହୁ ଜଣାଇଛନ୍ତି।

### ସରିଲା ପଞ୍ଚ ଦୋଳଯାତ୍ରା

**ମାଧପୁର, ୨୫।୩:** ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତ ଶଙ୍ଖାମାଳ ଗ୍ରାମରେ ସୋମବାର ପଞ୍ଚଦୋଳ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅଷ୍ଟପ୍ରହର ନାମଯଜ୍ଞ ଓ ହରିହାଟର ଆୟୋଜନ ହୋଇଥିଲା। ଯାତ୍ରାର ସଭାପତି ନିରାକାର ଘିଓ୍ୱାଲା, ସମ୍ପାଦକ ଧୀରେନ ପ୍ରଧାନ କୋଷାଧ୍ୟକ୍ଷ ସଦାନନ୍ଦ ନାଏକ, ପୂଜକ ମଧୁସୂଦନ ପଣ୍ଡା ଓ ଖଗେଶ୍ୱର ଶତପଥୀ ସହଯୋଗ କରିଥିଲେ। କର୍ତ୍ତା ଭାବେ ବିବେକାନନ୍ଦ ପ୍ରଧାନ, ଅଶ୍ୱିନୀ ବାରିକ କାର୍ଯ୍ୟ ସମ୍ପାଦନା କରିଥିଲେ।

### ମହୁଲପୁଞ୍ଜିରେ ଦୋଳ ଉତ୍ସବ



**ଭାପୁର,୨୫।୩(ଡି.ଏନ.ଏ.):** ଢେଙ୍କାନାଳ ଜିଲା ସଦର ବ୍ଲକ ଛଦେଶ ଅଞ୍ଚଳ ରବିବାର ମହୁଲପୁଞ୍ଜି ଗ୍ରାମରେ ରବିବାର ଦୋଳ ଯାତ୍ରା ଅନୁଷ୍ଠିତ ହୋଇଥିଲା। ରାଧାକୃଷ୍ଣ ମନ୍ଦିରରୁ ବିଗ୍ରହଙ୍କୁ ବିମାନରେ ଗ୍ରାମ ପରିକ୍ରମା କରି ମେଲଣ ପଡ଼ିଆରେ ଅବସ୍ଥାନ କରାଯାଇଥିଲା। ପରେ ସଂକୀର୍ତ୍ତନ, ଲଉଡ଼ିଖେଳ ଆଦି ନୃତ୍ୟ ପରିବେଷଣ କରାଯାଇଥିଲା। ସୋମବାର ସକାଳେ ହୋଲି ପର୍ବ ଅନୁଷ୍ଠିତ ହୋଇଥିଲା। ସେହିପରି ଭାପୁର, ମଧୁସାହୁପାଟଣା, ଚନ୍ଦ୍ରଶେଖର ପ୍ରସାଦ, ଓସ୍ତପାଳ, ମୋଟରୀ, ଗୋବିନ୍ଦପ୍ରସାଦ, ଭୁବନପୁରରେ ଦୋଳଯାତ୍ରା ପାଳିତ ହୋଇଯାଇଛି।

■ଢେଙ୍କାନାଳ ଲୋକ ସଭା, ବିଧାନସଭା କ୍ଷେତ୍ର

# ପ୍ରାର୍ଥୀ ଘୋଷଣାରେ ବିଳମ୍ବ ବଢ଼ାଉଛି ଉତ୍କଣ୍ଠା

**ଢେଙ୍କାନାଳ ଅଫିସ,୨୫।୩**

ସାଧାରଣ ନିର୍ବାଚନ ଯେତିକି ପାଖେଉଛି ଢେଙ୍କାନାଳ ଜିଲାର ରାଜନୈତିକ ବାତାବରଣ ସେତିକି ସରଗରମ ହେଉଛି। ଇତିମଧ୍ୟରେ ଭାଜପା ପକ୍ଷରୁ ଜିଲାର ଲୋକ ସଭା ଓ ୪ ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା ସରିଛି। କିନ୍ତୁ ବିଜେଡି ଓ କଂଗ୍ରେସ ଏ କ୍ଷେତ୍ରରେ ପଛରେ ପଡ଼ିଛନ୍ତି। ଦଳ ଏଠାରୁ କାହାକୁ ପ୍ରାର୍ଥୀ କରିବ ସେ ନେଇ ଏଯାଏ ସ୍ଥିତି ସ୍ପଷ୍ଟ କରୁ ନ ଥିବାରୁ ସାଧାରଣରେ ଏହାକୁ ନେଇ ଉତ୍କଣ୍ଠା ବଢିବାରେ ଲାଗିଛି। ସେହିପରି ଆଶାୟୀ ପ୍ରାର୍ଥୀମାନେ ମଧ୍ୟ ଅଧୈର୍ଯ୍ୟ ହୋଇପଡୁଥିବା ଦେଖାଯାଉଛି।

ସହରର ବିଭିନ୍ନ ଜନଗହଳି ସ୍ଥାନ ବିଶେଷକରି ଚା ଦୋକାନ ଓ ଖଟିଗୁଡ଼ିକରେ ରାଜନୈତିକ ଦଳର ନେତୃବୃନ୍ଦ, କର୍ମୀ, ଏପରିକି ସାଧାରଣ ଲୋକଙ୍କ ମଧ୍ୟରେ ଟିକେଟ ବଣ୍ଟନକୁ ନେଇ ଜୋରଦାର ଚର୍ଚ୍ଚା ଲାଗି ରହିଛି। କଂଗ୍ରେସ କେବଳ ଢେଙ୍କାନାଳ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଅନ୍ୟ ୩ଟି ବିଧାନସଭା କ୍ଷେତ୍ର ଓ ଲୋକ ସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ପ୍ରାର୍ଥୀ ଚୂଡ଼ାନ୍ତ କରିନାହିଁ। ସେହିପରି ବିଜେଡି ମଧ୍ୟ ଏଠାରେ ପ୍ରାର୍ଥୀଙ୍କ ସମ୍ପର୍କରେ ନୀରବ ରହିଛି। ତେଣୁ ଏହି ଉଭୟ ଦଳ ଏଠାରୁ କାହାକୁ ଏମ୍‌ପି ଓ ବିଧାୟକ ପ୍ରାର୍ଥୀ କରିବେ ତାହା ବର୍ତ୍ତମାନ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ତେବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା କେପି ସିଂହଦେଓଙ୍କ ପୁତ୍ରବଧୂ ମୀନାଲ କୁମାରୀଙ୍କୁ ବିଜେଡି ଏମ୍‌ପି ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ହେଉଥିବା ବେଳେ ଏହାକୁ ଜିଲା ସଭାପତି ତଥା ପୂର୍ବମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲିକ ସହଜରେ ଗ୍ରହଣ କରିପାରୁ ନ ଥିବା ଆଲୋଚନା ହେଉଛି। ମୀନାଲଙ୍କ ବ୍ୟତୀତ ବିଧାୟକ ସରୋଜ କୁମାର ସାମଲ, ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନଙ୍କ ନାମ ମଧ୍ୟ ଏମ୍‌ପି ପ୍ରାର୍ଥୀ ପାଇଁ ଚର୍ଚ୍ଚାରେ ରହିଛି। ଢେଙ୍କାନାଳ ବିଧାନସଭା ପାଇଁ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଓ ବର୍ତ୍ତମାନର ବିଧାୟକ ସରୋଜ କୁମାର ସାମଲ, ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, ଡ୍ରିଟ୍ ପୂର୍ବତନ ଅଧ୍ୟକ୍ଷ ଦେବୀ ପ୍ରସାଦ ଭୂତିଆ, ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ ଓ ଜିଲା ବିଜେଡି ସମ୍ପାଦକ ଭରତ ଦାସଙ୍କ ନାଁ ଆଶାୟୀ ତାଲିକାରେ ରହିଛି। ତେବେ ସୁଧୀର କୁମାର ସାମଲ ଓ ସରୋଜ କୁମାର ସାମଲଙ୍କ ନାମ ଚର୍ଚ୍ଚାର ଆଗରେ ଆସୁଥିବାରୁ ଏହାକୁ ନେଇ ଅନ୍ୟ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ଜଣାପଡିଛି। ସେହିପରି କଂଗ୍ରେସ ପକ୍ଷରୁ କେପି ସିଂହଦେଓ କିମ୍ବା ତାଙ୍କ କନିଷ୍ଠ ପୁତ୍ର ଅଶୋକ ବର୍ଦ୍ଧନ ସିଂହଦେଓଙ୍କୁ ଏମ୍‌ପି ପ୍ରାର୍ଥୀ କରାଯାଇପାରେ ବୋଲି କୁହାଯାଉଛି। କେପି ସିଂହଦେଓ ବର୍ତ୍ତମାନ ସୁଦ୍ଧା ଦଳୀୟ ଏମ୍‌ପି ପ୍ରାର୍ଥୀ ହେବେ କି ନ ହେବେ ସେ ନେଇ ସ୍ପଷ୍ଟ କରି ନ ଥିବାରୁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ବାକି ୩ ବିଧାନସଭା କ୍ଷେତ୍ର ହିନ୍ଦୋଳ, କାମାକ୍ଷାନଗର ଓ ପରଜଙ୍ଗ ପାଇଁ କଂଗ୍ରେସ କାହାକୁ ପ୍ରାର୍ଥୀ କରିବ ତାହାକୁ ନେଇ ଦଳୀୟ ନେତୃବୃନ୍ଦ, କର୍ମୀଙ୍କ ମଧ୍ୟରେ କଳ୍ପନାଜଳ୍ପନା ଲାଗି ରହିଛି। ମଙ୍ଗଳବାର ଅପରାହ୍ନ ସୁଦ୍ଧା ବିଜେଡି ପ୍ରାର୍ଥୀ ତାଲିକା ଘୋଷଣା ହେବାର ସମ୍ଭାବନା ରହିଛି ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି। ତେବେ ଏହି ତାଲିକା ଘୋଷଣାରେ ଯେତିକି ବିଳମ୍ବ ଘଟୁଛି, ବିଭିନ୍ନ ଦଳର ଆଶାୟୀଙ୍କ ମଧ୍ୟରେ ଗୋଡଟଣା ରାଜନୀତି ମଧ୍ୟ ସେତିକି ଜୋର ଧରୁଛି। କଂଗ୍ରେସ ଜିଲା କାର୍ଯ୍ୟକାରୀ ସଭାପତି ପ୍ରବାଳକାନ୍ତି ସାହୁ ଭାଜପାରେ ଯୋଗ ଦେଇଥିବା ବେଳେ ଅନ୍ୟ କେତେକ ପଦବୀଧାରୀ ନେତା ଆଗକୁ ଦଳ ଛାଡିବା ନେଇ ଆଲୋଚନା ହେଉଛି। ସେହିପରି ବିଜେଡିର ମଧ୍ୟ କେତେଜଣ ଅସନ୍ତୁଷ୍ଟ ନେତା ଦଳ ଛାଡିବା ପାଇଁ ଭାଜପା ନେତୃବୃନ୍ଦଙ୍କ ସହ ଯୋଗାଯୋଗରେ ରହିଥିବା କର୍ମୀମାନଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଭାଜପା ପ୍ରାର୍ଥୀ ଘୋଷଣା କରିସାରିଥିଲେ ବି ଦଳୀୟ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଥମି ନ ଥିବାରୁ ବରିଷ୍ଠ ନେତୃବୃନ୍ଦ ତାହାକୁ ସମାଧାନ କରିବା ଉଦ୍ୟମ ଏବେ ବି ଜାରି ରଖିଛନ୍ତି। ସେହିପରି ପ୍ରାର୍ଥୀ ଘୋଷଣା ପୂର୍ବରୁ ବିଜେଡି ଓ କଂଗ୍ରେସରେ ଏଭଳି ସ୍ଥିତି ରହିଥିବା ବେଳେ ଘୋଷଣା ପରର ସ୍ଥିତି କ'ଣ ହେବ ତାହାକୁ ନେଇ ସାଧାରଣରେ ଆଲୋଚନା ସରଗରମ ହୋଇଛି।

## ଅନନ୍ତ ଶ୍ରୀକ୍ଷେତ୍ରର ରତ୍ନମୁଦ ଉତ୍ସବ

**ଢେଙ୍କାନାଳ ଅଫିସ,୨୫।୩**



ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ବଦାଲୋ ପଞ୍ଚାୟତର ଘୋଡାଡିଆଁ ଗ୍ରାମସ୍ଥିତ ଶ୍ରୀଜଗନ୍ନାଥ, ମା' ବିମଳା ଓ ଲକ୍ଷ୍ମୀଙ୍କ ମନ୍ଦିର ଅନନ୍ତ ଶ୍ରୀକ୍ଷେତ୍ରର ରତ୍ନମୁଦ ଉତ୍ସବ ରବିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନନ୍ତ ଶ୍ରୀକ୍ଷେତ୍ର ନିକଟସ୍ଥ ଶ୍ରୀ କାମନାଶ୍ୱର ମହାଦେବଙ୍କ ସମ୍ମୁଖରେ ଷଷ୍ଠ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଆରମ୍ଭ ହୋଇ ସୋମବାର ଅପରାହ୍ନ ୩ଟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ବଡଯୋରା ନାଳରୁ ଗ୍ରାମର ୨୮୦ ଜଣ ମହିଳା କଳସ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ପଣ୍ଡିତ ବେଣୁଧର ଶତପଥୀଙ୍କ ସଂଯୋଜନାରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅଗ୍ନିଦେବଙ୍କୁ ଘୃତାହୁତି ପ୍ରଦାନ ପରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପୂର୍ବତନ ବିଧାୟକ ସୁଧିର କୁମାର ସାମଲ ଓ ଓଡାପଡା ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରେମାନନ୍ଦ ରାଉତ, ବଦାଲୋ ସରପଞ୍ଚ ଅଳକା ମଞ୍ଜରୀ ରାଉତ, ସମିତି ସଭ୍ୟ କାଞ୍ଚନବାଳା ରାଉତ, ବାଳକୃଷ୍ଣ ବିଶ୍ୱାଳ, ଦୁଷ୍ମନ୍ତ ମହାନ୍ତି, ଗ୍ରାମ ସଭାପତି ଯୁଗଳ କିଶୋର ସେଠି, ସମ୍ପାଦକ ଶଶିଭୂଷଣ ନାୟକ, ମନ୍ଦିର କମିଟି ସଭାପତି ତ୍ରିନାଥ ମହାନ୍ତି, କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ପରିଡା, ସମ୍ପାଦକ ମନୋରଞ୍ଜନ ପୃଷ୍ଟି, ଶିକ୍ଷାବିତ୍ ଦୈତାରୀ ପରିଡା, ପ୍ରଶାନ୍ତ ସାମଲ ଓ ସୁବାସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ଜିଲା ଯୁବ ବିଜେଡି ସଭାପତି ଯଶୋବନ୍ତ ହତ୍ୟାକାଣ୍ଡକୁ ବର୍ଷେ ପୂରିଲା

## ଫେରାର ଅଛନ୍ତି ଆଉ ୨ ଅଭିଯୁକ୍ତ

**କାମାକ୍ଷାନଗର, ୨୫।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗରର ବାସିନ୍ଦା ତଥା ବିଜେଡିର ଢେଙ୍କାନାଳ ଜିଲା ପୂର୍ବତନ ସଭାପତି ଯଶୋବନ୍ତ ପରିଡାଙ୍କ ହତ୍ୟାକାଣ୍ଡକୁ ବର୍ଷେ ପୁରିଛି। ଘଟଣାର ୧୦ ଅଭିଯୁକ୍ତଙ୍କ ମଧ୍ୟରୁ ପୋଲିସ ୮ ଜଣଙ୍କୁ ଗିରଫ କରିଥିଲେ ହେଁ ଏ ଯାଏ ଆହୁରି ୨ ଜଣ ଫେରାର ଅଛନ୍ତି।

୨୦୧୮ ମାର୍ଚ୍ଚ ୨୬ ତାରିଖରେ ଅଭିଯୁକ୍ତମାନେ ଯଶୋବନ୍ତଙ୍କୁ ରାସ୍ତା ଉପରେ ଗୁଳି କରି ହତ୍ୟା କରିଥିଲେ। କାମାକ୍ଷାନଗର ପୋଲିସ ଏ ସଂକ୍ରାନ୍ତରେ ନଂ. ୫୬/୧୮ରେ ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ସ୍ଥାନୀୟ ଆଳତୁମା ଗ୍ରାମର ରାଧେ ଓରଫ ପାଣ ଓରଫ ରାକେଶ ନାଥ ଓ ସହଯୋଗୀ ପ୍ରକାଶ ନାୟକ, ଟୁବୁ ଖାନ, କମଳାକାନ୍ତ ମହାପାତ୍ର, ଶୁଭେନ୍ଦୁ କୁମାର ସାମନ୍ତରାୟ, ଜିତେନ୍ଦ୍ର ମାନସିଂ, ସନ୍ତୋଷ ବାରିକ, ସୁବାସ ଖୁଣ୍ଟିଆଙ୍କୁ ଗିରଫ କରିଥିଲା। ଏବେ ସୁଦ୍ଧା ଆହୁରି ୨ ଜଣ ଫେରାର ଅଛନ୍ତି। ଯଶୋବନ୍ତ ଶାସକ ଦଳର ଜଣେ ଆଗଧାଡିର ନେତା ଥିଲେ। ଘଟଣାରେ କିଛି ପ୍ରଭାବଶାଳୀ ଲୋକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ତାଙ୍କ ସ୍ତ୍ରୀ ଦାବି କରିଥିଲେ। ତେବେ ତାଙ୍କ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ। ଏ ସମ୍ପର୍କରେ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ କୁହନ୍ତି, ଠିକାଦାରିକୁ ନେଇ ହତ୍ୟାକାଣ୍ଡ ହୋଇଥିବା ସ୍ପଷ୍ଟ ସୂଚନା ରହିଛି। ଗିରଫ ବ୍ୟକ୍ତିମାନେ ପ୍ରକୃତ ଅଭିଯୁକ୍ତ ବୋଲି ଚିହ୍ନଟ କରାଯାଇଛି। ଯଶୋବନ୍ତ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଥିବାରୁ ତାଙ୍କୁ ରାସ୍ତାରୁ ହଟାଇଦେଲେ ବହୁ ସୁବିଧା ହେବ ବୋଲି ଭାବି ରାକେଶ ଓ ସହଯୋଗୀ ହତ୍ୟା କରିଥିବା ସ୍ପଷ୍ଟ ସୂଚନା ଅଛି। ଅନ୍ୟ ୨ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଛି। ସେମାନେ ବାହାର ରାଜ୍ୟକୁ ଚାଲିଯାଇଥିବା ଅନୁମାନ କରାଯାଉଛି।

## ୨ୟ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ

**ପରଜଙ୍ଗ,୨୫।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳର ଜଣେ ୨ୟ ଶ୍ରେଣୀ ଛାତ୍ରୀଙ୍କୁ ରବିବାର ରାତିରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ନଂ. ୭୭/୧୯, ଦଫା ୩୭୩ (୩) ୮ ପୋକ୍ସୋ ଆକ୍ଟରେ ମାମଲା ରୁଜୁ ସହ ଅଭିଯୁକ୍ତ ସେହି ଥାନା ଅନ୍ତର୍ଗତ ମାଣିକମରା ଗ୍ରାମର ସାଗର ବାରିକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ଅଭିଯୋଗ ଅନୁଯାୟୀ, ନିକଟସ୍ଥ ଗ୍ରାମକୁ ଯାତ୍ରା ଦେଖିବାକୁ ଯାଇଥିବା ଛାତ୍ରୀ ଜଣକ ସମ୍ପର୍କୀୟ ଭାଇଙ୍କ ସହ ରାତି ପ୍ରାୟ ୧୦ଟାରେ ବାହାରେ ଛିଡା ହୋଇଥିଲେ। ସେହି ସମୟରେ ସାଗର ଉକ୍ତ ବାଟ ଦେଇ ଯାତ୍ରା ଦେଖିବାକୁ ଯାଉଥିବାବେଳେ ଛାତ୍ରୀଙ୍କୁ କୁରକୁରେ ଦେବାକୁ କହି ଡାକି ନେଇଥିଲେ। ପରେ ନିକଟରେ ଥିବା ଏକ ଗୁହାଳରେ ତାଙ୍କୁ ବଳାତ୍କାର କରିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ସେଠାକୁ ଯିବାପରେ ସାଗର ସେଠାରୁ ଦୌଡି ପଳାଇଯାଇଥିଲେ। ଏ ସମ୍ପର୍କରେ ଛାତ୍ରୀଙ୍କ ବାପା ସୋମବାର ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଛାତ୍ରୀଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀମାଇନା ପାଇଁ ପଠାଇଥିବା ଏସ୍‌ଆଇ ସସ୍ମିତା ପାଲ ସୂଚନା ଦେଇଛନ୍ତି।

# ପ୍ରଥମ ଦିନରେ ୨୪୦ ଖାତା ମୂଲ୍ୟାୟନ



ମାଟ୍ରିକ ଖାତାର ମୂଲ୍ୟାଙ୍କନ ଚାଲିଛି।

**ଅନୁଗୋଳ ଅଫିସ, ୨୫।୩**

ଅନୁଗୋଳ ହାଇସ୍କୁଲରେ ସୋମବାର ଠାରୁ ଆରମ୍ଭ ହୋଇଛି ମାଟ୍ରିକ୍ ଖାତା ମୂଲ୍ୟାୟନ। ପ୍ରଥମ ଦିନରେ ୧୬ଟି ୟୁନିଟ୍‌ରେ ମୋଟ୍ ୨୪୦ ଖାତା ମୂଲ୍ୟାୟନ ହୋଇଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବାହ୍ନ ୧୦ଟାରୁ ଖାତା ଦେଖା ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହୋଇଥିଲା। ମୋଟ୍ ୧୬ଟି ୟୁନିଟ୍ ମଧ୍ୟରୁ ସାହିତ୍ୟ ପାଇଁ ୨ଟି, ଇଂଲିଶ ପାଇଁ ୨ଟି, ସଂସ୍କୃତ ଓ ହିନ୍ଦୀ ପାଇଁ ଗୋଟିଏ ଲେଖାଏଁ ୟୁନିଟ୍ କରାଯାଇଛି। ସେହିପରି ଗଣିତ ପାଇଁ ୨ଟି, ଜୀବ ବିଜ୍ଞାନ ପାଇଁ ୨ଟି, ପଦାର୍ଥ ବିଜ୍ଞାନ ପାଇଁ ୨ଟି, ଇତିହାସ ପାଇଁ ୨ଟି ଓ ଭୂଗୋଳ ପାଇଁ ୨ ୟୁନିଟ କରାଯାଇଛି। ଗୋଟିଏ ୟୁନିଟ୍‌ରେ ଜଣେ ମୁଖ୍ୟ ପରୀକ୍ଷକ ଥିବାବେଳେ ଦୁଇ ଜଣ ଉପ ମୁଖ୍ୟ ପରୀକ୍ଷକ, ୨ ଜଣ ସ୍କୃଟିନାଇଜର ଓ ୨୦ ଜଣ ପରୀକ୍ଷକ ନିୟୋଜିତ ଅଛନ୍ତି। ଜୀବ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଇତିହାସ ଓ ଭୂଗୋଳ ମୂଲ୍ୟାୟନରେ ଜଣେ ମୁଖ୍ୟ ପରୀକ୍ଷକ ଥିବାବେଳେ ଦୁଇ ଜଣ ଉପମୁଖ୍ୟ ପରୀକ୍ଷକ, ଦୁଇ ଜଣ ସ୍କୃଟିନାଇଜର, ଓ ୧୨ ଜଣ ଲେଖାଏଁ ପରୀକ୍ଷକ ନିୟୋଜିତ ଅଛନ୍ତି। ମୋଟ୍ ୩୩୨ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ମୂଲ୍ୟାୟନ ପାଇଁ ନିୟୋଜିତ କରାଯାଇଛି ବୋଲି ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

■ରାଜନୀତି ବିଜ୍ଞାନ ବିଭାଗର ବାର୍ଷିକ ପାଠଚକ୍ର

## 'ଆଧୁନିକତା କାଳାନୁକ୍ରମିକ ନୁହେଁ'




ରାଜନୀତି ବିଜ୍ଞାନ ବିଭାଗର ବାର୍ଷିକ ପାଠଚକ୍ରରେ ମଞ୍ଚାସୀନ ଅତିଥି।

**ଢେଙ୍କାନାଳ ଅଫିସ,୨୫।୩**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ବାର୍ଷିକ ପାଠଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ରଶ୍ମି ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପାଠଚକ୍ରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆଧୁନିକତା ଓ ଏହାର ତତ୍ତ୍ୱ ଉପରେ ମୁଖ୍ୟଅତିଥି ଆଲୋଚନା କରିଥିଲେ। ଆଧୁନିକତା ମଧ୍ୟରେ ଗୁଣବତ୍ତା ରହିଛି, ହେଲେ ଏହା କାଳାନୁକ୍ରମିକ ନୁହେଁ ବୋଲି ସେ ମତବ୍ୟକ୍ତ କରିଥିଲେ। ଭାରପ୍ରାପ୍ତ ବିଭାଗୀୟ ମୁଖ୍ୟ ଡ. ରମେଶଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଓ ଅଧ୍ୟାପିକା ଶୁଭସ୍ମିତା ଖୁଣ୍ଟିଆ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପିକା ମାମିନୀ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପାଠଚକ୍ର ସମ୍ପାଦକ ସନ୍ଦିପନୀ ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଗୋପୀନାଥ ମିଶ୍ର ଧନ୍ୟବାଦ ଦେଇଥିଲେ। ଲିପ୍ସାରାଣୀ ରାଉତ, ଶାଶ୍ୱତୀ ପଣ୍ଡା, ତୃପ୍ତିମୟୀ ରଣା, ସାଗରିକା ସାହୁ, ଚିନ୍ମୟ ବାରିକ, ବିଶ୍ୱରଞ୍ଜନ ପରିଡା ପ୍ରମୁଖ ସହଯୋଗ କରିଥିଲେ।

## ଠାକୁରଗଡରେ ଦୋଳଯାତ୍ରା

**ବଇଣ୍ଡା,୨୫।୩(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମରେ ରବିବାର ଦୋଳଯାତ୍ରା ପାଳିତ ହୋଇଯାଇଛି। ପ୍ରଭୁ ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା ପରେ ଏକ ଟ୍ରାକ୍ଟର ଯୋଗେ ନଗର ପରିକ୍ରମା କରାଯାଇ ଯାତ୍ରା ପଡ଼ିଆକୁ ନିଆଯାଇଥିଲା। ଏହି ଅବସରରେ ଲଉଡ଼ିଖେଳ, ବାଦ୍ୟ, ନାମ ସଂକୀର୍ତ୍ତନ ସହ ଡିଜେ ସାଉଣ୍ଡର ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା। ଆଖପାଖ ଅଞ୍ଚଳରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ଠାକୁରଗଡ଼ ପୋଲିସ ମୁତୟନ ହୋଇଥିଲେ। ଯାତ୍ରା କମିଟି ସଭାପତି ବସନ୍ତ କୁମାର ସାହୁ, ଗଣେଶ୍ୱର ଖୁଣ୍ଟିଆ, ସୁରେଶ ଚନ୍ଦ୍ର ସାହୁ, ନେପାଳ ସାହୁ, ବୀରବର ପ୍ରଧାନ, ରାମ କୁମାର ଖୁଣ୍ଟିଆ ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

■ଅଚିହ୍ନା ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାଶ

# ଶାରୀରିକ ସମ୍ପର୍କ ରଖିବାକୁ ମନା କରିବାରୁ ହତ୍ୟା

**କାମାକ୍ଷାନଗର, ୨୫।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କଙ୍କଡାହାଡ ଥାନା କରୋଗଳା ପଞ୍ଚାୟତ ଡଙ୍ଗାପାଳ ଗ୍ରାମର ଆମ୍ବତଇଲାଠାରୁ ଗତ ୪ ତାରିଖରେ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ମୃତା ତେଲକୋଇ ଥାନା ଗଳଦା ଗ୍ରାମର ବୁଦୁନି ଟୁଡୁ ଓରଫ ମହାରଣା ବୋଲି ଜଣାପଡିଥିବାବେଳେ ଶାରୀରିକ ସମ୍ପର୍କ ରଖିବାକୁ ମନା କରିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କାମାକ୍ଷାନଗର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ସୂଚନା ଦେଇଛନ୍ତି। ଘଟଣାରେ ଅଭିଯୁକ୍ତ କାନପୁରା ଗ୍ରାମର ବିପ୍ର ଓରଫ ବିପ୍ରବର ମହାନ୍ତିଙ୍କୁ ଗିରଫ କରାଯାଇଛି।



### ସ୍ୱାମୀଙ୍କ ସହ ଝଗଡ଼ା କରି ଘରୁ ପଳାଇଯାଇଥିଲେ

ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୋଲିସ ଅଧିକାରୀ।

ପୋଲିସ ସୂଚନା ମୁତାବକ, ବୁଦୁନି ଗଳଦା ଗ୍ରାମର ପରଦେଶିଆ ଓରଫ ହିରୋ ଓରଫ ବ୍ରଜ ଟୁଡୁଙ୍କୁ ପ୍ରାୟ ୧୬ ବର୍ଷ ତଳେ ଘରୁ ପଳାଇଆସି ପ୍ରେମ ବିବାହ କରିଥିଲେ। ଉଭୟଙ୍କ ୩ଟି ଝିଅ ଓ ଗୋଟିଏ ପୁଅ ଥିବାବେଳେ ସେମାନେ କାମାକ୍ଷାନଗର ଥାନା କାନପୁରା ପଞ୍ଚାୟତ ସୁଧାକରତଇଲାରେ ବସବାସ କରୁଥିଲେ। ଗତ ୩ ତାରିଖରେ ବୁଦୁନି ଓ ବ୍ରଜଙ୍କ ମଧ୍ୟରେ ଝଗଡା ହୋଇଥିଲା। ପରେ ବୁଦୁନି ରାଗିଯାଇ ଘରୁ ପଳାଇ ଯାଇଥିଲେ। ବାଟରେ ବିପ୍ରବର ଦେଖାହୋଇ ବୁଦୁନିଙ୍କୁ ତାଙ୍କ ସମ୍ପର୍କୀୟଙ୍କ ଘର କରଗୋଳାରେ ଛାଡିଦେବାକୁ କହିଥିଲେ। ଯିବା ବାଟରେ ଡଙ୍ଗାପାଳ ଆମ୍ବତଇଳା ନିକଟରେ ବିପ୍ରବର ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ। ହେଲେ ବୁଦୁନି ମନା କରିବା ସହ ତାଙ୍କ ନାମରେ ଥାନାରେ ଅଭିଯୋଗ କରିବାକୁ ଧମକ ଦେଇଥିଲେ। ତେଣୁ ବିପ୍ରବର ସେଠାରେ ତାଙ୍କ ତଣ୍ଟି ଚିପି ହତ୍ୟା କରିବା ସହ ବିଲ ଭିତରେ ମୃତଦେହ ଫୋପାଡି ଦେଇ ଫେରାର ହୋଇଯାଇଥିଲେ। ଘଟଣାଦିନ ରାତିରେ ବିପ୍ରବର ଓ ବୁଦୁନି ଦାଂଶନାଳୀ ଗ୍ରାମରେ ଏକ ଭୋଜିରେ ଯୋଗଦେବାକୁ ଯାଇଥିବା ପୋଲିସ ଜାଣିବାକୁ ପାଇଥିଲା। ଏହି ତଥ୍ୟ ଆଧାରରେ ପୋଲିସ ସମସ୍ତ ଘଟଣା ଜାଣିବା ସହ ବିପ୍ରବରଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ କଙ୍କଡାହାଡ ଥାନାରେ ନଂ.୧୦/୧୯ ଦଫା ୩୦୨ରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ପ୍ରମୋଦ କୁମାର ଲେଙ୍କା, ଏସ୍‌ଆଇ ଶ୍ୱେତପଦ୍ମା ବିଶ୍ୱାଳ, ଏଏସ୍‌ଆଇ ଯଶୋବନ୍ତ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ୨୮ରେ ଭଙ୍ଗତିରା ଷ୍ଟେଶନରେ ରେଳରୋକୋ

**ଭଦ୍ରକ ଅଫିସ, ୨୫।୩**

ଭଦ୍ରକ-ଧାମରା କୃଷକ ମଞ୍ଚ ପକ୍ଷରୁ ଆସନ୍ତା ୨୮ ତାରିଖରେ ଭଙ୍ଗତିରା ଷ୍ଟେଶନ ନିକଟରେ ରେଳରୋକୋ କରାଯିବ। ଭଦ୍ରକ ଗ୍ରାମାଞ୍ଚଳ ଓ ତିହିଡ଼ି ଥାନା ପୋଲିସ ଦ୍ୱାରା ଜବତ ହୋଇଥିବା ୨୬ ହଜାର ୩୪ କୁଇଣ୍ଟାଲ ଚୋରା କୋଇଲା ଏବେ କେଉଁଠାରେ ଓ କାହା ହେପାଜତରେ ରହିଛି, ଜମିହରା ଚାଷୀଙ୍କୁ ପ୍ରଥମ ପର୍ଯ୍ୟାୟରେ ଧାମରା ବନ୍ଦରରେ ନିଯୁକ୍ତି ଆଦି ବିଭିନ୍ନ ଦାବି ପ୍ରତି ଜିଲା ପ୍ରଶାସନ ଓ ବନ୍ଦର କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ଭଦ୍ରକ-ଧାମରା ଭଙ୍ଗତିରା ଷ୍ଟେଶନ ନିକଟରେ ରେଳରୋକୋ କରାଯିବା ପାଇଁ ନିଷ୍ପତ୍ତି ହୋଇଥିବା ମଞ୍ଚ ପକ୍ଷରୁ ସାଧାରଣ ସମ୍ପାଦକ ପ୍ରକାଶ କୁମାର ଜେନା ଜଣାଇଛନ୍ତି। ଏହାକୁ ନେଇ ମଞ୍ଚର ମୁଖ୍ୟ ସଂଯୋଜକ ବିଶ୍ୱକେଶରୀ ମହାନ୍ତି, କୋଷାଧ୍ୟକ୍ଷ ନୀଳାମ୍ବର ଲେଙ୍କା, ଲିଗାଲ ଆଡ୍‌ଭୋକେଟ କନିଷ୍କ ନାୟକ, ସ୍ଥାୟୀ ସଦସ୍ୟ ନିରଞ୍ଜନ ଦାସ, ସୁଶାନ୍ତ କୁମାର ଜେନା, ସତ୍ୟବ୍ରତ ନାୟକ, ଅମୂଲ୍ୟ ସାହୁ ଓ ଶଶୀ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇ ଏଭଳି ନିଷ୍ପତ୍ତି ନିଆଯାଇଛି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ମଙ୍ଗଳବାର,୨୬ ମାର୍ଚ୍ଚ /୨୦୧୯ Dhenkanal, Tuesday March 26 / 2019




# ମଦ ବନ୍ଦ ପାଇଁ ଦାବିପତ୍ର

**ଅନୁଗୋଳ ଅଫିସ, ୨୫।୩**

ଅନୁଗୋଳ ଜିଲା ରେଙ୍ଗାଳି ଥାନା ସୁଲେଇପାଳ ପାଟଣାସାହି ମହିଳାମାନେ ଅଞ୍ଚଳରେ ମଦ ବ୍ୟବସାୟ ବନ୍ଦ କରିବାକୁ ସୋମବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଚୋରା ମଦ ବ୍ୟବସାୟୀ ଓ ମଦ୍ୟପଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି।

ଦାବିପତ୍ରରେ ମହିଳାମାନେ ଦର୍ଶାଇଛନ୍ତି ଯେ, ରେଙ୍ଗାଳି ଥାନା ସୁଲେଇପାଳ ଗ୍ରାମରେ କିଛି ଲୋକ ମଦ ବିକ୍ରି କରୁଛନ୍ତି। ଏଥିଯୋଗୁ ଗ୍ରାମର ଯୁବକମାନେ ମଦ୍ୟପାନ କରି ଗଣ୍ଡଗୋଳ କରୁଛନ୍ତି। ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ଗତ ୧୫ ତାରିଖରେ ସାହିର ମହିଳାମାନେ ମଦ ବିକ୍ରୟ ବନ୍ଦ କରିବାକୁ ଯାଇଥିଲେ। କିନ୍ତୁ ସମ୍ପୃକ୍ତ ବ୍ୟବସାୟୀମାନେ ଗାଳି ଗୁଲଜ କରିଥିଲେ। ଏ ନେଇ ରେଙ୍ଗାଳି ଥାନାରେ ୧୬ ତାରିଖରେ ଲିଖିତ ଅଭିଯୋଗ କରାଯାଇଥିଲା। କିନ୍ତୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଅଞ୍ଚଳରେ ମଦ ବିକ୍ରି ବନ୍ଦ କରିବାକୁ ସବିତା ବେହେରା, ତୁଳିଇ ଦେହୁରୀ, ଅନିତା ବେହେରା, ରୀନା ବେହେରା, ତିଳୋତ୍ତମା ବେହେରା, କମଳା ସାହୁ, ବଚନ ସାହୁ, ବିଳାସ ବେହେରା, ମାଣିକ ବେହେରା, ପ୍ରମିଳା ବେହେରା, ପ୍ରତିମା ବେହେରା, ରଜନୀ ବେହେରା, ଜେମା ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।




# ପାତ୍ରପଡା ଅଗ୍ନି ବିପନ୍ନଙ୍କୁ ସହାୟତା

**ଛେଣ୍ଡିପଦା, ୨୫।୩(ସ୍ୱ.ପ୍ର./ଡି.ଏନ.ଏ.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପାତ୍ରପଡା ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ୨୧ ପରିବାରର ୪୦ରୁ ଊର୍ଦ୍ଧ୍ୱ ବଖରା ପୋଡି ଯାଇଥିଲା। ସୋମବାର ପ୍ରଶାସନ ପକ୍ଷରୁ ବିପନ୍ନଙ୍କୁ ସହାୟତା ଯୋଗାଯାଇଛି। କଣଲୋଇ ରାଜସ୍ୱ ନିରୀକ୍ଷକ ଜଗବନ୍ଧୁ ନାଏକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ଛେଣ୍ଡିପଦା ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟ ଆଧାରରେ ତହସିଲଦାର ଡାନିଏଲ ଏକ୍କା ଜିଲା ପ୍ରଶାସନ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସହ ଆଲୋଚନା କରି ବିଡିଓ ରୋମାଞ୍ଚଳ ଖମାରୀ, ତହସିଲଦାର ସୋମବାର ଘଟଣାସ୍ଥଳକୁ ଯାଇଥିଲେ। ଏଥିସହ ବିପନ୍ନଙ୍କୁ ଆବଶ୍ୟକ ସାମଗ୍ରୀ, ଲୁଗା ନିମନ୍ତେ ୧୮୦୦ ଟଙ୍କା ଓ ବାସନକୁସନ ପାଇଁ ୨ ହଜାର ଟଙ୍କା ଲେଖାଏଁ ମୋଟ ୭୯ ହଜାର ୮ଶହ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁ ବିପନ୍ନ ପରିବାରକୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ନେବାରେ ସହଯୋଗ କରିଥିଲେ। ଖୁବଶୀଘ୍ର ଜିଲା ପ୍ରଶାସନ ପକ୍ଷରୁ ଅଗ୍ନିବିପନ୍ନଙ୍କୁ ଗୃହ ନିର୍ମାଣ ନିମନ୍ତେ ନିୟମାନୁଯାୟୀ ସହାୟତା ଯୋଗଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି। ସେହିପରି ବିଧାୟକ ସୁଶାନ୍ତ ବେହେରା ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆବାସ ଯୋଜନାରେ ଘର ଏବଂ ଆନୁଷଙ୍ଗିକ ସରକାରୀ ସହାୟତା ଯୋଗାଇଦେବାକୁ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ବିଧାୟକଙ୍କ ସହ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ପ୍ରଦୀପ କୁମାର ସାହୁ, ପରେଶ ଚନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଳମଛୁଇଁ ଗୋପବନ୍ଧୁ ଦରିଦ୍ର କଲ୍ୟାଣ ସମିତି ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରାଯାଇଥିଲା। ବିଡିଓ, ତହସିଲଦାର, ସରପଞ୍ଚ ସାହୁଙ୍କ ତତ୍ତ୍ୱାବଧାନରେ ବିପନ୍ନ ପରିବାରର ୨୫ଜଣ ପୁରୁଷଙ୍କୁ ଲୁଙ୍ଗି, ଗାମୁଛା, ଧୋତି, ୩୪ଜଣ ମହିଳାଙ୍କୁ ଲୁଗା ଏବଂ ୩୦ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ଗାମୁଛା ବଣ୍ଟନ କରାଯିବାସହ ପ୍ରତ୍ୟେକ ପରିବାରଙ୍କୁ ଚାଉଳ, ଚିନି, ଚୁଡା, ବିସ୍କୁଟ ଆଦି ପ୍ରଦାନ କରାଯାଇଥିଲା। ସମିତି ସଦସ୍ୟ ଦିବାକର ସାହୁ, ମନ୍ଦର ସାହୁ, ଇନ୍ଦ୍ରମଣି ସାହୁ, ବଳଭଦ୍ର ସାହୁ, ବିଜୟ ମାଝୀ ପ୍ରମୁଖ ସହେଯାଗ କରିଥିଲେ।


ପ୍ରଶାସନ ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଉଛି।

# ହାଇୱା ଧକ୍କାରେ ବୃଦ୍ଧ ମୃତ

**କଣିହାଁ,୨୫।୩(ଡି.ଏନ୍.ଏ)**

କଣିହାଁ ବ୍ଲକ ରେଙ୍ଗାଳି ଥାନା ବଜ୍ରକୋଟ ହାଟଛକଠାରେ ସୋମବାର ଏକ ହାଇୱା ଧକ୍କାରେ ସେହି ଗ୍ରାମର ଶଙ୍କର ନାଏକ(୬୦)ଙ୍କ ମୃତ୍ୟୁ ହୋଇଛି। ପୋଲିସ କହିଛି, ହାଟଛକଠାରେ ଏକ ହାଇୱା (ନଂ.ଓଡି୧୯ଡି୬୦୦୨)ପାଉଁଶ ବୋଝେଇ କରି ଦେବଗଡ଼ ଅଞ୍ଚଳ ଅଭିମୁଖେ ବାହାରି ଥିଲା। ଚାଳକ ଜଣଙ୍କ ଟିପ୍ପରକୁ ପଛକୁ କରୁଥିବା ସମୟରେ ପଛରେ ଛିଡା ହୋଇଥିବା ଶଙ୍କରଙ୍କ ଉପରେ ଏହା ଚଢ଼ିଯାଇଥିଲା। ତାଙ୍କୁ ବଜ୍ରକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ କ୍ଷତିପୂରଣ ଦାବିରେ ପରିବାର ଲୋକେ ରାସ୍ତାରେ ମୃତଦେହ ରଖି ଧାରଣା ଦେଇଥିଲେ। ରେଙ୍ଗାଳି ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ। ଗାଡ଼ି ମାଲିକ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମୃତକଙ୍କ ଝିଅ ସରସ୍ୱତୀ ନାଏକଙ୍କ ଅଭିଯୋଗ କ୍ରମେ ରେଙ୍ଗାଳି ପୋଲିସ ନଂ. ୩୨/୧୯ରେ ମାମଲା ରୁଜୁ କରି ସନ୍ଧ୍ୟାରେ ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ପଠାଇଥିବା ଥାନା ଅଧିକାରୀ ସରୋଜକାନ୍ତ ସାମଲ ଜଣାଇଛନ୍ତି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ